# Akashvani, Sambalpur

## SAMBALPURI NEWS EVENING BULLETIN

## 1 September 2026-7.02- 7.12 pm.

---

୧- ଶକ୍ତି ସଂରକ୍ଷଣ୍ ଆଉ ପରିବେଶ୍ ସୁରକ୍ଷାଥି ଉଲ୍ଲେଖନୀୟ ପଦକ୍ଷେପ୍ ଲାଗି ଓଡ଼ିଶା ଲୋକଭବନ୍‌କେ ମିଲ୍‌ଲା ସବୁଜ ସୌଧ ମାନ୍ୟତା ।

୨- ରାଏଜେ ଅଏତ୍‌କା ପୁଞ୍ଜିନିବେଶ୍ ଲକ୍ଷ୍ୟ ନେଇକରି ଆଏବା ୮ ତାରିଖ୍‌ନୁ ୟୁଏଇ ଗସ୍ତଥି ଯିବେ ମୁଖ୍ୟମନ୍ତ୍ରୀ ।

୩- ଭୁବ୍‌ନେଶ୍ୱର୍ ନ ଆଏଜ୍‌ଠାନୁ ମୁଲ୍ ହେଲା ଜାତୀୟସ୍ତରୀୟ ଶକ୍ତି ସମ୍ମିଳନୀ ।

- ମହିଳାମାନ୍‌କର୍ ସୁରକ୍ଷା ଆଉ ସଶକ୍ତିକରଣ୍ ଉପ୍‌ରେ ହେଉଛେ ଆଲୋଚନା

ଆଉର୍

୪- ଲଘୁଚାପ୍‌ର ପ୍ରଭାବ୍‌ଥି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏବା କାଏଲ୍‌ତକ୍ ଜବର୍ ବର୍ଷାର୍ ସମ୍ଭାବନା ।

ଲୋକଭବନ- ସବୁଜ ସୌଧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଶକ୍ତି ସଂରକ୍ଷଣ୍ ଆଉ ପରିବେଶ୍ ସୁରକ୍ଷାଥି ଉଲ୍ଲେଖନୀୟ ପଦକ୍ଷେପ୍ ଲାଗି ଦେଶର୍ ପହେଲା ଲୋକ୍‌ଭବନ୍ ହିସାବେ ଓଡ଼ିଶା ଲୋକଭବନ୍‌କେ ସବୁଜ ସୌଧର୍ ମାନ୍ୟତା ମିଲିଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକଭବନ୍ ନ ଆୟୋଜିତ୍ ଖାସ୍ କାର୍ଯ୍ୟକ୍ରମ୍‌ଥି ଭାରତୀୟ ସବୁଜ ସୌଧ ପରିଷଦ୍‌ର ଅଧ୍ୟକ୍ଷ ଇ ପ୍ରମାଣ୍‌ପତ୍ର ଦେଇଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଗଣମାଧ୍ୟମ୍ ପ୍ରତିନିଧି ମାନ୍‌କର୍ ଭିନ୍ ଭିନ୍ ପ୍ରଶ୍ନର୍ ଉତର୍ ରଖିକରି କହିଛନ୍, ଲୋକଭବନ୍ ଇହାଦେ ପୁରାପୁରି ସୌରଶକ୍ତି ପରିଚାଲିତ୍ ହେଇପାରିଛେ । ପି.ଏମ୍. ସୂର୍ଯ୍ୟଘର୍ ଯୋଜ୍‌ନାଥି ୩ କିଲୋୱାଟ୍‌ତକ୍ ରୁଫ୍‌ଟପ୍ ସୋଲାର୍ ପେନେଲ୍ ସ୍ଥାପ୍‌ନା ଲାଗି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍ ପାଖାପାଖି ୧ ଲାଖ୍ ୩୮ ହଜାର୍ ଟଙ୍କାର୍ ରିହାତି ଦଉଛନ୍ । ସଭେ ଇତାର୍ ସୁବିଧା ନେବାର୍ ସହେତେ ରୁଫ୍‌ଟପ୍ ସୋଲାର୍ ପ୍ରକଳ୍ପ ଲଗାବାର୍ କଥା ବଲି ରାଜ୍ୟପାଲ୍ କହିଛନ୍ । କାର୍ଯ୍ୟକ୍ରମ୍‌ଥି ପୂର୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍ କହିଛନ୍, ଓଡ଼ିଶା ନ ଆଏବା ଦିନେ ସବୁ ସର୍‌କାରୀ କୋଠାମାନ୍‌କୁ ସବୁଜ ସୌଧ କର୍‌ବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯିବା । ସେବା

ଆଉ ସୁଶାସନ୍ - ଜନସେବା ଆଉ ସୁଶାସନ୍‌ର ଦୃଷ୍ଟିକୋଣଥି ପରିଚାଲିତ୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଭାରତ୍ ସ୍ଥାୟୀ ବିକାଶ୍‌ର ଆଗ୍‌ଧାଡ଼ି଼ର୍ ଦେଶ୍‌ଭାବେ ଉଭା ହେଇଛେ । ଇ ଦୃଷ୍ଟିକୋଣକେ କାମ୍‌ଥି ବଦ୍‌ଲେଇକରି ରାଜ୍ୟପାଲ୍‌ଙ୍କର୍ ମାର୍ଗଦର୍ଶନ୍‌ଥି ଲୋକଭବନ୍ ସବୁଜ ଆଉ ଜଲ୍‌ବାୟୁ ପ୍ରତିକ୍ରିୟାଶୀଳ ସାର୍ବଜନୀନ ପ୍ରତିଷ୍ଠାନ୍ ଗଠନ୍ ଦିଗେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଛେ ।

ମୁଖ୍ୟମନ୍ତ୍ରୀ- ଦୁବାଇ ଗସ୍ତ      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଅଏତ୍‌କାନୁ ଅଏତ୍‌କା ପୁଞ୍ଜିନିବେଶ୍ ଆନ୍‌ବାର୍ ଲକ୍ଷ୍ୟଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଗୁଟେ ପ୍ରତିନିଧି ଦଲ୍ ସଂଯୁକ୍ତ ଆରବ୍ ଏମିରେଟ୍ସ - ୟୁଏଇ ଗସ୍ତ କର୍‌ବେ ବଲି ଶିଳ୍ପ ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍ । ଦୁବାଇ ନ ଆଏବା ୮ ନୁ ୧୧ ତାରିଖ୍‌ତକ୍ ହେବାର୍‌କେ ଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ନିବେଶ୍‌କାରୀଙ୍କର୍ ସାଙ୍ଗେ ଆଲୋଚନା କରାଯିବା । ଇ ଅବ୍‌ସରେ ଗୁଟେ ରୋଡ୍ ସୋ

ଆଉ ପ୍ରବାସୀ ଓଡ଼ିଆ କାର୍ଯ୍ୟକ୍ରମ୍ ଭିଲ୍ ହେବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚ୍ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ ଆର୍ଏନ୍ୟୁ/ ସମ୍ବଲପୁର

କେନ୍ଦ୍ର ଜଲ୍ଶକ୍ତି ମନ୍ତ୍ରଣାଳୟ ତର୍ଫୁ ଆଏଜ୍ଠାନୁ ନୂଆଦିଲ୍ଲୀ ନ ୨ ଦିନିଆ ଶିଖର୍ ସମ୍ମିଲନୀ ମୂଲ୍ ହେଇଛେ । ସମ୍ମିଲନୀଥି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ଙ୍କର୍ ଭିତ୍ରେ ତାଲ୍ମେଲ୍ ରଖିକରି ସହଯୋଗ୍କେ ବର୍କସ୍ କର୍ବାର୍ ବାବ୍ଦେ ଆଲୋଚନା କରାଯିବା । ଇଥି ଜଲ୍ ସଂରକ୍ଷଣ୍ ପ୍ରକଳ୍ପ ମାନ୍କର୍ ଧାରିଜ୍ ସମିଆ ଭିତ୍ରେ କାର୍ଯ୍ୟାନ୍ୱୟନ୍ ଆଉ ଜନଭାଗିଦାରୀ ଉପ୍ରେ ଆଲୋକ୍ପାତ୍ କରାଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍ ଲାଗି ୨ ଦିନିଆ ଦିଲ୍ଲୀ ଗସ୍ତଥି ଯାଇଛନ୍ । କାର୍ଯ୍ୟକ୍ରମ୍ଥି ଅଲ୍ଗା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆଉ ପ୍ରତିନିଧି ମାନେ ଭିଲ୍ ଯୋଗ୍ ଦଉଛନ୍ ।

ଚିନି ମହଜୁଦ୍ ପରିମାଣ୍ ଏକ୍ସ

ଚିନି କଳାବଜାର୍‌କେ ବନ୍ଦ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଡିଲର୍ ମାନ୍‌କର୍ ମହଜୁଦ୍ ପରିମାଣ୍ ସୀମାକେ କମେଇକରି ଅଧା କରିଦେଇଛନ୍ । ଇହାଦେ ଡିଲର୍‌ମାନେ ୪ ହଜାର୍ କ୍ୱିଂଟାଲ୍ ବଦ୍‌ଲା ସବୁନୁ ଅଏତ୍‌କା ୨ ହଜାର୍ କ୍ୱିଂଟାଲ୍ ଚିନି ମହଜୁଦ୍ ରଖିପାର୍‌ବେ । ଇ ନିୟମ୍ ଆଏବା ୧୫ ତାରିଖ୍‌ନୁ ଲାଗୁ ହେଇକରି ନଭେମ୍ବର୍ ୩୦ ତାରିଖ୍‌ତକ୍ ବଳବତର୍ ରହେବା ବଲି ଖାଉଟି ବ୍ୟାପାର୍, ଖାଦ୍ୟ ଆଉ ଯୋଗାଣ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସ୍କ୍ରବ୍ ଟାଇଫସ୍ ଆର୍‌ଏନ୍‌ୟୁ/ କଟକ୍

ସ୍କ୍ରବ୍ ଟାଇଫସ୍ ମାମ୍‌ଲାକେ ନେଇକରି ନାଇଁ ଡର୍‌ବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ । ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ସ୍କ୍ରବ୍ ଟାଇଫସ୍‌କେ ନେଇକରି ନିୟମିତ୍ ଭାବେ ଲୁକ୍‌କର୍ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର୍ ସହେତେ ନମୁନା ସଂଗ୍ରହ କରାଯାଉଛେ । ପରିସ୍ଥିତି ଉପ୍‌ରେ ନଜର୍ ରଖାଯାଇକରି ନିୟମିତ୍ ନିରୀକ୍ଷଣ୍ ବ୍ୟବସ୍ଥା କରାଯାଇଛେ । ହେଲେ ନିଜର୍ ଆଖର୍ ପାଖର୍ ପରିବେଶ୍‌କେ ସଫାସୁତର୍

ରଖିବାର୍ ସହେତେ ଜଙ୍ଗଲ୍ ବୁଦା ଆଉ ଅଏତ୍କା ଘାସ୍ ଥିବାର୍ ଜାଗାମାନ୍‌କେ ଯିବାର୍ ସମିଆଥି ସତର୍କ ରହେବାର୍‌କେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ବିଦେଶ୍ ଶିକ୍ଷାବୃତି ଯୋଜ୍‌ନା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ବର୍ଗର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ବିଦେଶ୍‌ର ଶ୍ରେଷ୍ଠ ୨ ଶହ କ୍ୟୁଏସ୍ ରେଙ୍କ୍ ଥିବା ଶିକ୍ଷାନୁଷ୍ଠାନ୍ ଆଉ ବିଶ୍ୱବିଦ୍ୟାଳୟ ନ ସ୍ନାତକୋତର ଆଉ ପିଏଚ୍‌ଡି ପାଠ୍ୟକ୍ରମ୍ ଲାଗି ବିଦେଶ୍ ଶିକ୍ଷାବୃତି ଯୋଜ୍‌ନା ମୁଲ୍ ହେଇଛେ । ଇ ଯୋଜ୍‌ନା ଅଧୀନ୍‌ଥି ମୋଟ୍ ୫୦ ଝନ୍ ଛାତ୍ରଛାତ୍ରୀଙ୍କୁ ସାହାଜ୍ ଦିଆଯିବା । ୨୦୨୫-୨୬ ଆଉ ୨୦୨୬-୨୭ ଶିକ୍ଷା ବଛର୍ ଲାଗି ଇତାର୍ ଆବେଦନ୍ ସମିଆକେ ଆଏଜ୍‌ଠାନୁ ଆଏବା ୨୮ ତାରିଖତକ୍ ବଢ଼ାଯାଇଛେ । ଇ ଛାତ୍ରବୃତି ପାଏବାର୍‌କେ ଇଛୁକ୍ ଛାତ୍ରଛାତ୍ରୀମାନେ ଓ.ଏସ୍.ଏସ୍. ପୋର୍ଟାଲ୍

scholarship.odisha.gov.in ଜରିଏ ଅନ୍‌ଲାଇନ୍‌ଥି ଆବେଦନ୍ କରିପାର୍‌ବେ ।

ଶକ୍ତି ସମ୍ମିଳନୀ        ଆଇ ଆଣ୍ଡ୍ ପି.ଆର୍

ଜାତୀୟ ମହିଳା କମିଶନ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍‌ଠାନୁ ଭୁବ୍‌ନେଶ୍ୱର୍ ନ ଶକ୍ତି ସମ୍ମିଳନୀ ମୁଲ୍ ହେଇଛେ । ସମାରୋହଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଇତାର୍ ଉଦ୍‌ଘାଟନ୍ କରିଛନ୍ । ଇଥି ଜାତୀୟ ମହିଳା କମିଶନ୍ ର ଅଧ୍ୟକ୍ଷା ବିଜୟା ରାହତ୍‌କର୍ ଉପସ୍ଥିତ୍ ରହିକରି ସମ୍ମିଳନୀର ଉଦ୍ଦେଶ୍ୟ ବାବ୍‌ଦେ ବକ୍ତବ୍ୟ  ଦେଇଛନ୍ । ସମ୍ମିଳନୀଥି ୨୨ ଟା ରାଜ୍ୟର୍ ୨୯ ଝନ୍ ବରିଷ୍ଠ ସଚିବ ସ୍ତରୀୟ ଅଧିକାରୀ, କମିଶନର୍, ନିର୍ଦ୍ଦେଶକ ଆଉ ଯୁଗ୍ମ ନିର୍ଦ୍ଦେଶକ୍ ମାନେ ଯୋଗ୍ ଦେଇଛନ୍ । ଇ ସମ୍ମିଳନୀଥି ମହିଳାମାନ୍‌କର୍ ସୁରକ୍ଷା ଆଉ ସଶକ୍ତିକରଣ୍ ଉପ୍‌ରେ ଆଲୋଚନା ହେଇଛେ । ଭିନ୍ ଭିନ୍ ରାଜ୍ୟନୁ ଆସିଥିବା ବରିଷ୍ଠ ଅଧିକାରୀମାନେ ମହିଳାମାନ୍‌କର୍ ସୁରକ୍ଷା ବାବ୍‌ଦେ ନିଜର୍ ମତ ରଖିଛନ୍ ।

ରତ୍ନଭଣ୍ଡାର୍ ଗଣ୍ତି ମନ୍ତି      ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ଗଣ୍ତି ମନ୍ତି କାମ୍ ଆଏଜ୍ ଭିଲ୍ ଜାରି ରହିଛେ । ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଅନୁମୋଦିତ୍ ମାର୍ଗଦର୍ଶିକା ଅନ୍ସାରେ ଗନ୍ତି କାମ୍ ଠିକ୍ ଭାବେ କରାଯାଉଛେ । ମହାପ୍ରଭୁଙ୍କର୍ ସକାଳ ଧୂପ ନୀତି ସର୍ବାର୍ ଉତ୍ରୁ ଗନ୍ତି ମୁଲ୍ କରାଯାଇଥିଲା । ଗଲାକାଏଲ୍ ଗନ୍ତି ମନ୍ତି ଶେଷ୍ ହେବାର୍ ଉତ୍ରୁ ମହାପ୍ରଭୁଙ୍କର୍ ଶ୍ରୀଅଙ୍ଗ ନ ଲାଗି ହେଉଥିବା ଝୋବାକଣ୍ଠିର ଗନ୍ତି କରାଯାଇକରି ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର୍ କରାଯାଇଛେ । ଇତାର୍ସହେତେ ଦାନସୂତ୍ରୁ ଆସୁଥିବା ଅଲଙ୍କାର୍ ମାନ୍କର୍ ତାଲିକା ତିଆର୍ କରାଯାଇଥିଲା । ଆଏବା ଦିନ୍ ମାନ୍କେ କାଠବାକ୍ସୁ ଥିବା ଜିନିଷ୍ ମାନ୍କର୍ ଗନ୍ତି କରାଯାଇକରି ଭିତର୍ ରତ୍ନଭଣ୍ଡାର୍ ନ ରଖାଯିବା ବଲି ଆମର୍ ସମ୍ବାଦଦାତା ସୂଚ୍ନା ଦେଇଛନ୍ ।

ରାହୁରେଖା ଲାଗି ନୀତି        ଆର୍ଏନ୍ୟୁ/ ସମ୍ବଲପୁର

ଭୁଦୋ ମାସର୍ ଅନ୍ଧାର୍ ପଖର୍ ପଂଚ୍ମୀ ତିଥି ନ ଆଏବାକାଏଲ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍କର୍ ରାହୁ ରେଖା ଲାଗି

ନୀତି ହେବା । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍‌ନୁ ପହେଲା ଭୋଗମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍‌ରୁ ଇ ଖାସ୍ ନୀତି କରାଯିବା । ଇଥିର୍‌ଲାଗି ଆଏବା କାଏଲ୍ ଉପର୍‌ବେଲା ଅଢ଼େଇ ବଜେନୁ ସଞ୍ଝର୍ ୭ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଶ୍ୱବିଦ୍ୟାଳୟ ଥାପ୍‌ନା ଦିବସ ବଲାଙ୍ଗିର୍/ କଲାହାଣ୍ଡି

ବଲାଙ୍ଗିର୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର୍ ୬ ନମ୍ବର୍ ଥାପ୍‌ନା ଦିବସ୍ ପାଲିତ୍ ହେଇଯାଇଛେ । ବିଶ୍ୱବିଦ୍ୟାଳୟ ପରିସର୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଶିକ୍ଷାର୍ ବିକାଶ୍ ଲାଗି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକେ ସବୁ ପ୍ରକାରର୍ ସହଯୋଗ୍ ରାଜ୍ୟ ସର୍‌କାର୍ ଯୁଗେଇ ଦେବେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ । ଇ ଅବ୍‌ସରେ ବିଶ୍ୱବିଦ୍ୟାଳୟର୍ ବାର୍ଷିକ୍ ସ୍ମରଣିକାକେ ଭିଲ୍ ସେ ଉନ୍ମୋଚନ୍ କରିଛନ୍ ।

ସେନ୍ତା କଲାହାଣ୍ଡି ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପରିସର୍ ନ ଭିଲ୍ ତାର୍ ୬ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ଯୋଗ୍ ଦେଇକରି ଉଚ୍ଚଶିକ୍ଷାର୍ ପ୍ରସାର୍ ଆଉ ଛାତ୍ରଛାତ୍ରୀମାନ୍‌କର୍ ସର୍ବାଙ୍ଗୀନ୍ ବିକାଶ୍ ଉପ୍‌ରେ ଜୋର୍ ଦେଇଥିଲେ ।

ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ପଲ୍‌ସିପାଣି ଗ୍ରାମ୍ ପଂଚାୟତ୍ ସୁବିଧା କେନ୍ଦ୍ର ନ ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ୍ ଜରିଏ ଗୁଣାତ୍ମକ୍ ଧାନ୍ ବିହନ୍ ଉତ୍ପାଦନ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ୬ ଟା ଭିନ୍ ଭିନ୍ ଗାଁର୍ ୫୦ ନୁ ଅଏତ୍‌କା ଚାଷୀ ଭାଗ୍ ନେଇଥିଲେ । ଇ ଅବ୍‌ସରେ ଚାଷୀମାନ୍‌କୁ ଧାନ୍ ଚାଷ୍ ଆଉ ଆଏବା ଦିନେ କେନ୍ତାକରି ଗୁଣାତ୍ମକ୍ ଧାନ୍ ବିହନ୍ ଉତ୍ପାଦନ୍ କରିପାର୍‌ବେ, ତାର୍ ବାବ୍‌ଦେ ବୈଷୟିକ୍ ଜ୍ଞାନ୍ କୌଶଲ୍ ତାଲିମ୍ ଦିଆଯାଇଥିଲା ।

କ୍ରୀଡ଼ା ଦିବସ          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସଦର୍ ମହକୁମା ନ ଥିବା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ପରିସର୍ ନ ଜାତୀୟ କ୍ରୀଡ଼ାଦିବସ୍ ଉଦ୍‌ଯାପିତ୍ ହେଇଯାଇଛେ । ପାରମ୍ପରିକ୍ ଖେଲ୍‌କେ ବଁଚେଇ ରଖବାର୍ ଉଦ୍ଦେଶ୍ୟଥି ଆୟୋଜିତ୍ ଇ କ୍ରୀଡ଼ା ଦିବସ୍ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା । ଇ ଅବ୍‌ସରେ ପୁଲିସ୍ ପଡ଼ିଆଠାନୁ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ତକ୍ ପଦଯାତ୍ରାଥି ଯୁବ କ୍ରୀଡ଼ାବିତ୍ ଆଉ ସାଧାରଣ୍ ନାଗରିକ୍ ସାମିଲ୍ ହେଇଥିଲେ । ଅତିରିକ୍ତ ଜିଲ୍ଲାପାଲ୍ ସୁବାସ ଚନ୍ଦ୍ର ରାଉତ୍, ଏସ୍.ବି.ଆଇ. ମୁଖ୍ୟ ପ୍ରବନ୍ଧକ୍ ଆର୍ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଯୋଗ୍ ଦେଇକରି ଇ କାର୍ଯ୍ୟକ୍ରମ୍ ମାନ୍ ଯୁବ ପ୍ରତିଭା ମାନ୍‌କୁ ସୁଯୋଗ୍ ଦେବାର୍ ସହେତେ ଲୁକି ଯାଉଥିବା ଯୁବ ପ୍ରତିଭା ମାନ୍‌କୁ ଚିହ୍ନଟ୍‌ର ଗୁଟେ ମାଧମ୍ ବଲି କହିଛନ୍ । ଇ ଅବ୍‌ସରେ ପ୍ରତିଯୋଗୀ ମାନ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ଲଟ୍‌ରୀ- ନାଁଲେଖା ଆଇ.ଆଣ୍ଡ୍.ପି.ଆର୍

ଶିକ୍ଷା ଅଧିକାର୍ ଆଇନ୍ ଅଧୀନ୍‌ଥି ବେସର୍‌କାରୀ ବିଦ୍ୟାଲୟ ମାନ୍‌କେ ଲଟ୍‌ରୀ ଜରିଏ ବଛା ହେଇଥିବା ଛାତ୍ରଛାତ୍ରୀମାନ୍‌କର୍ ଆଏଜ୍‌ଠାନୁ ନାଁଲେଖା ମୁଲ୍ ହେଇଛେ । ପାରଦର୍ଶୀ ପୋର୍ଟାଲ୍ ଜରିଏ ୯ ଶହ ୮୯ ଟା ଆବେଦନ୍ ଭିତ୍‌ରୁ ଲଟରୀ ଜରିଏ ୫ ଶହ ୧ ଜନ୍ ଛାତ୍ରଛାତ୍ରୀଙ୍କୁ ନାଁଲେଖାବାର୍ ଲାଗି ବଛାଯାଇଛେ । ଇ ନାଁଲେଖା ପୁରାପୁରି ମାହାଲିଆ ଆଏ ଆଉ ଇଥିର୍‌ଲାଗି ବେସର୍‌କାରୀ ବିଦ୍ୟାଲୟମାନେ କେନ୍‌ସି ପ୍ରକାରର୍ ଫିସ୍ ନେଇ ନାଇଁପାରନ୍ । ନାଁଲେଖା ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା ।

କୃଷି ଇନ୍‌ପୁଟ୍ ସାହାଜ ଆଇ.ଆଣ୍ଡ୍.ପି.ଆର୍

ଚଲ୍‌ତି ବଏଢ଼୍‌ଥି ପ୍ରଭାବିତ୍ ଚାଷୀମାନ୍‌କୁ ମୁଖ୍ୟମନ୍ତ୍ରୀଙ୍କର୍ ଖାସ୍ ପେକେଜ୍ ଜରିଏ କୃଷି ଇନ୍‌ପୁଟ୍ ସାହାଜ୍ ଦିଆଯିବା । ସୂଚ୍‌ନା ଅନ୍‌ସାରେ ଅଣଜଲ୍‌ସେଚିତ୍ ୩୩ ପ୍ରତିଶତ୍‌ନୁ ଅଏତ୍‌କା ଫସଲ୍ ନୁକ୍‌ସାନ୍ ହେଇଥିବା ଚାଷୀମାନ୍‌କୁ ୨ ହେକ୍ଟର୍‌ତକ୍ ୮ ହଜାର୍ ୫ ଶହ ଟଙ୍କା, ଜଲ୍‌ସେଚିତ ଅଂଚଲ୍ ନ ହେକ୍ଟର୍ ପିଛା ୧୭ ହଜାର୍ ଟଙ୍କା ଆଉ ବାରମାସୀ ଫସଲ୍ ଲାଗି ହେକ୍ଟର୍ ପିଛା

୨୨ ହଜାର୍ ୫ ଶହ ଟଙ୍କା ସାହାଜ୍ ଦିଆୟିବା । ବଏଢ୍ ଉତ୍ରୁ ଫସଲ୍ର ରୋଗ ପୋକ ପରିଚାଲନା ଲାଗି କୀଟନାଶକ୍ ଘିନ୍ବାର୍କେ ୭୫ ପ୍ରତିଶତ୍ ସବ୍ସିଡ଼ି ଭିଲ୍ ଦିଆୟିବା ବଲି ଜନାପଡ଼ିଛେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଉତର୍  ପଶ୍ଚିମବଙ୍ଗ୍ , ଉତର୍ ସମୁଦ୍ରଖଁଡ଼ି ଓଡ଼ିଶା ଆଉ ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍କେ ଲାଗି କରି ଥିବା ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା କାଏଲ୍ ସଖାଲ୍ତକ୍ ବରଗଡ୍ ଜିଲ୍ଲାର୍ ଗୁଟେ କି ଜୁଡ଼େ ଜାଗା ନ ଜବର୍ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାୟାଇଛେ । ଇ ସମିଆଥି ସମ୍ବଲ୍ପୁର୍, ଝାର୍ସୁଗୁଡ଼ା, ସୁବର୍ଣ୍ଣପୁର୍, ସୁନ୍ଦର୍ଗଡ୍, ନୂଆପଡ଼ା ଆର୍ ବଲାଙ୍ଗିର୍ ଜିଲ୍ଲା ନ ଧୁକାପବନ୍ ସାଙ୍ଗେ ବିଜ୍ଲି ମାରିକରି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।